[2008] 15 S.C.R. 37

പഞ്ജാബ രാജ്യ

ବନାମ

ଅବତାର ସିଂହ

(ଅପରାଧିକ ଅପିଲ ସଂଖ୍ୟା 1064/2003)

ଅକ୍ଟୋବର 21, 2008

**[ଡଃ ଅରିଜିତ ପଶାୟତ, ସି.କେ. ଥାକର ଏବଂ**

**ଲୋକେଶ୍ୱର ସିଂହ ପାନ୍ତା, ନ୍ୟାୟମୂର୍ତ୍ତିବୃନ୍ଦ]**

*ଦଣ୍ଡ ସଂହିତା, 1860 : ଧାରା 34 ସହିତ ପଠିତ ଧାରା 302— ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ— ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିର୍ଦ୍ଦୋଷରେ ଖଲାସ— ଏଫ୍ଆଇଆର୍ ଦାଖଲ ଏବଂ ଅଞ୍ଚଳର ଦଣ୍ଡାଧିକାରୀଙ୍କୁ ବିବୃତି ପଠାଇବାରେ ବିଳମ୍ବ ହେବା ଏବଂ ଚାକ୍ଷୁଷ ପ୍ରମାଣ ଏବଂ ଡାକ୍ତରୀ ପ୍ରମାଣ ମଧ୍ୟରେ ଭିନ୍ନତା ଯୋଗୁଁ— ହସ୍ତକ୍ଷେପ ସହିତ— ଦର୍ଶାଯାଇଛି : ଯୁକ୍ତିଯୁକ୍ତ ନୁହେଁ, ଯେହେତୁ ଅଭିଯୋଜନ ଅଭିଯୋଗକୁ ପ୍ରତିଷ୍ଠିତ କରିବାରେ ବିଫଳ ହୋଇଥିଲେ— ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ସମ୍ଭାବ୍ୟ ଦୃଷ୍ଟିକୋଣ ଥିଲା ।*

**ବିଚାର କରୁଥିବା ନ୍ୟାୟାଳୟ ଉତ୍ତରଦାତାମାନଙ୍କୁ ଆଇପିସିର ଧାରା 34 ସହିତ ପଠିତ ଧାରା 302 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଥିଲେ । ଅପିଲ ଉପରେ, ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଦୋଷ ମୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ ଯେ, ଏଫ୍ଆଇଆର୍ ଦାଖଲ କରିବାରେ ବିଳମ୍ବ ହୋଇଥିଲା ଏବଂ ଅଞ୍ଚଳର ଦଣ୍ଡାଧିକାରୀଙ୍କୁ ବିବୃତି ପଠାଇବାରେ ମଧ୍ୟ ବହୁ ବିଳମ୍ବ ହୋଇଥିଲା, ଏବଂ ଚାକ୍ଷୁଷ ପ୍ରମାଣ ଏବଂ ଡାକ୍ତରୀ ପ୍ରମାଣ ସହିତ ଅମେଳ ଥିଲା । ତେଣୁ ବର୍ତ୍ତମାନର ଅପିଲ ଦାଖଲ କରାଯାଇଛି ।**

**ଏହି ଅପିଲକୁ ଖାରଜ କରି, ଏହି ନ୍ୟାୟାଳୟ**

**ଦର୍ଶାଇଛନ୍ତି : ଏଫ୍ଆଇଆର୍ ଦାଖଲ କରିବାରେ ବିଳମ୍ବ ହୋଇଥିଲା ଏବଂ/କିମ୍ବା ଅଞ୍ଚଳର ଦଣ୍ଡାଧିକାରୀଙ୍କ ନିକଟକୁ ବିବୃତି ପଠାଇବାରେ ବିଳମ୍ବ ହୋଇଥିଲା ଏବଂ/କିମ୍ବା ଚାକ୍ଷୁଷ ପ୍ରମାଣ ଡାକ୍ତରୀ ପ୍ରମାଣ ସହିତ ଅମେଳ ଥିଲା । ଏହି ତିନୋଟି କାରଣର ମିଳିତ ପ୍ରଭାବରୁ ଏଥିରେ**

**କୌଣସି ସନ୍ଦେହ ନାହିଁ ଯେ, ଅଭିଯୋଗକୁ ପ୍ରମାଣ କରିବାରେ ଅଭିଯୋଜନ ପକ୍ଷ ବିଫଳ ହୋଇଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଏକ ସମ୍ଭାବ୍ୟ ମତ ଥିଲା ଏବଂ ଏହା ଏକ ଉପଯୁକ୍ତ ମାମଲା ନୁହେଁ ଯେଉଁଠାରେ କୌଣସି ହସ୍ତକ୍ଷେପ ଆବଶ୍ୟକ । [ଅନୁଚ୍ଛେଦ 4] [39-ବି-ସି]**

ଅପରାଧିକ ଅପିଲ ଅଧିକାରିତା : ଅପରାଧିକ ଅପିଲ ସଂଖ୍ୟା 1064/2003 ।

ଅପରାଧିକ ଅପିଲ ସଂଖ୍ୟା 328-DB/1995 ରେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 29.9.1997 ତାରିଖର ଅନ୍ତିମ ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ତରଫରୁ କୁଳଦୀପ ସିଂହ, ଆର.କେ. ପାଣ୍ଡେ, ଟି.ପି. ମିଶ୍ର ଏବଂ ଏଚ୍.ଏସ୍. ସନ୍ଧୁ ।

ଉତ୍ତରଦାତାଙ୍କ ତରଫରୁ ବରିନ୍ଦର କୁମାର ଶର୍ମା ।

ନ୍ୟାୟାଳୟଙ୍କର ଏହି ରାୟ **ଡଃ. ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତିଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା ।

1. ଏହି ଅପିଲରେ, ପଞ୍ଜାବ ଏବଂ ହରିୟାଣାର ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠଙ୍କ ଦ୍ୱାରା ଉତ୍ତରଦାତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ନିଷ୍ପତ୍ତିକୁ ଆପତ୍ତି କରାଯାଇଛି । ଉଚ୍ଚ ନ୍ୟାୟାଳୟରେ ଦୁଇଟି ଅପିଲ ଯଥା, ଅପରାଧିକ ଅପିଲ ସଂଖ୍ୟା 169-DB/1995 ଏବଂ ଅପରାଧିକ ଅପିଲ ସଂଖ୍ୟା 328-DB/1995 ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟରେ ଉଭୟ ଅପିଲ ଭଟିଣ୍ଡାର ମାନ୍ୟବର ଦୌରା ବିଚାରପତିଙ୍କ ରାୟ ବିରୁଦ୍ଧରେ ନିର୍ଦ୍ଦେଶିତ ହୋଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ, ପ୍ରତ୍ୟେକ ଅଭିଯୁକ୍ତ ଭାରତୀୟ ଦଣ୍ଡ ସଂହିତା, 1860 (ସଂକ୍ଷେପରେ 'ଆଇପିସି')ର ଧାରା 34 ସହିତ ପଠିତ ଧାରା 302 ଅନୁଯାୟୀ ଦଣ୍ଡନୀୟ ଅପରାଧରେ ଦୋଷୀ ଥିଲେ । ଦୁଇଟି ସଂଯୁକ୍ତ ଅପିଲରେ ଥିବା ଦୁଇଜଣ ଅପିଲକାରୀ ଜଣେ ବନ୍ତ ସିଂହଙ୍କ ସହିତ ମକଦ୍ଦମାର ସମ୍ମୁଖୀନ ହୋଇଥିଲେ, ଯାହାଙ୍କୁ ବିଚାର କରୁଥିବା ନ୍ୟାୟାଳୟ ନିର୍ଦ୍ଦୋଷରେ ଖଲାସ କରିଥିଲେ । ଦୁଇଟି ଅପିଲରେ ଉଚ୍ଚ ନ୍ୟାୟାଳୟଙ୍କ ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି, ତଥ୍ୟଗତ ସ୍ଥିତିର ବିସ୍ତୃତ ଉଲ୍ଲେଖ ଆବଶ୍ୟକ ନୁହେଁ ।

ପଞ୍ଜାବ ରାଜ୍ୟ ବନାମ ଅବତାର ସିଂ

[ଡଃ ଅରିଜିତ୍ ପଶାୟତ]

2. ପ୍ରଥମତଃ ଏହା ଉପସ୍ଥାପିତ ହୋଇଥିଲା ଯେ, ପ୍ରଥମ ସୂଚନା ବିବୃତି ଦାଖଲ କରିବାରେ ଯଥେଷ୍ଟ ବିଳମ୍ବ ହୋଇଥିଲା ଏବଂ ଦ୍ୱିତୀୟତଃ ଅଞ୍ଚଳ ଦଣ୍ଡାଧିକାରୀଙ୍କୁ ବିବୃତି ପଠାଇବାରେ ଯଥେଷ୍ଟ ଅସ୍ୱଷ୍ଟ ବିଳମ୍ବ ହୋଇଥିଲା । ଉଚ୍ଚ ନ୍ୟାୟାଳୟ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ଏହି କାରଣଗୁଡିକ ବ୍ୟତୀତ ତଥାକଥିତ ଚାକ୍ଷୁଷ ସାକ୍ଷୀଙ୍କ ପ୍ରମାଣ ବିଶ୍ୱାସଯୋଗ୍ୟ ଏବଂ ସୁସଙ୍ଗତ ନ ଥିଲା ଏବଂ ଡାକ୍ତରୀ ପ୍ରମାଣ ମଧ୍ୟ ଚାକ୍ଷୁଷ ସଂସ୍କରଣରେ ଥିବା ତଥ୍ୟ ସହିତ ସ୍ୱଷ୍ଟ ଭିନ୍ନ ଥିଲା, ଯାହା ଅଭିଯୋଜନ ପକ୍ଷର ସଂସ୍କରଣକୁ ଦୁର୍ବଳ କରିଥିଲା ।

3. ଅପିଲକାରୀ-ରାଜ୍ୟ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ଦୋଷ ମୁକ୍ତି ନିର୍ଦ୍ଦେଶ ଦେବା ପାଇଁ ଉଚ୍ଚ ନ୍ୟାୟାଳୟ ଯେଉଁ କାରଣଗୁଡ଼ିକୁ ବିଚାରକୁ ନେଇଥିଲେ, ତାହା ରକ୍ଷଣୀୟ ନୁହେଁ । ଅନ୍ୟପକ୍ଷରେ, ଉତ୍ତରଦାତା-ଅଭିଯୁକ୍ତଙ୍କ ପାଇଁ ବିଜ୍ଞ ଅଧିବକ୍ତା ଏହି ରାୟକୁ ସମର୍ଥନ କରିଥିଲେ ।

4. ଯଦିଓ ଏହା ସାର୍ବଜନୀନ ପ୍ରୟୋଗର ନିୟମ ଭାବରେ ରଖାଯାଇପାରିବ ନାହିଁ ଯେ, ଯେତେବେଳେ ଏଫ୍.ଆଇ.ଆର୍. ଦାଖଲ କରିବାରେ ବିଳମ୍ବ ହୁଏ ଏବଂ/କିମ୍ବା ଅଞ୍ଚଳର ଦଣ୍ଡାଧିକାରୀଙ୍କୁ ବିବୃତି ପଠାଇବାରେ ବିଳମ୍ବ ହୁଏ ଏବଂ/କିମ୍ବା ଡାକ୍ତରୀ ପ୍ରମାଣ ଚାକ୍ଷୁଷ ପ୍ରମାଣଠାରୁ କିଛି ପରିମାଣରେ ଭିନ୍ନ ହୋଇଥାଏ । ଏହି ମାମଲାରେ ଅଭିଯୋଜନ ପକ୍ଷ ବିଫଳ ହେବା ନିଶ୍ଚିତ ଥିଲା କାରଣ ଏହି ତିନୋଟି କାରଣର ମିଳିତ ପ୍ରଭାବରୁ ଏଥିରେ କୌଣସି ସନ୍ଦେହ ରହିଲା ନାହିଁ ଯେ ଅଭିଯୋଗକୁ ପ୍ରମାଣ କରିବାରେ ଅଭିଯୋଜନ ପକ୍ଷ ଅସଫଳ ହୋଇଛି । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଏକ ସମ୍ଭାବ୍ୟ ମତ ଏବଂ ଆମେ ଏହାକୁ ଏକ ଉପଯୁକ୍ତ ମାମଲା ଭାବରେ ବିବେଚନା କରୁନାହୁଁ ଯେଉଁଠାରେ କୌଣସି ହସ୍ତକ୍ଷେପ ଆବଶ୍ୟକ ଅଟେ ।

ତଦନୁସାରେ ଅପିଲକୁ ଖାରଜ କରାଗଲା ।

ଡି.ଜି. ଅପିଲ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ**

କଲ୍ୟାଣକର ସାହୁ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ